# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 September - 2024**

**News Editor : Itishree Singh Rathaur**

************************************

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କ ଉନ୍ନତି ଓ ସାମର୍ଥ୍ୟ ଓଡ଼ିଶାର ବିକାଶର ମୂଳମନ୍ତ୍ର ହେବ; କହିଲେ ପ୍ରଧାନମନ୍ତ୍ରୀ

— ଭୁବନେଶ୍ୱର ଜନତା ମୈଦାନରେ ସୁଭଦ୍ରା ଯୋଜନାର କଲେ ଶୁଭାରମ୍ଭ

— ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ୧ ହଜାର ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ

- ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୩୦ ଲକ୍ଷ ହିତାଧିକାରୀଙ୍କ ଗୃହ ପ୍ରବେଶ; ୧୦ ଲକ୍ଷ ହିତାଧିକାରୀଙ୍କୁ ୩ ହଜାର ୧୮୦ କୋଟି ଟଙ୍କା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

- ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିକୁ ଆଜି ପୂରିଲା ୧୦୦ ଦିନ

ଏବଂ

- ସମଗ୍ର ଦେଶରେ ଆଜିଠାରୁ ଆରମ୍ଭ ହେଲା 'ସ୍ୱଚ୍ଛତା ହିଁ ସେବା' ଅଭିଯାନ

## ପିଏମ୍-ସୁଭଦ୍ରା-୧

ମହିଳାମାନଙ୍କ ଉନ୍ନତି ଏବଂ ସାମର୍ଥ୍ୟ ଓଡ଼ିଶାର ବିକାଶର ମୂଳ ମନ୍ତ୍ର ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱର ଜନତା ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶରେ ନାରୀ ଶକ୍ତିର ସମ ଭାଗିଦାରିତା ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ଗରିବ, କୃଷକ, ଯୁବକ ଓ ନାରୀମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରିଆସୁଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହା ମାଧ୍ୟମରେ ରାଜ୍ୟର ୧ କୋଟିରୁ ଅଧିକ ମହିଳା ଲାଭାନ୍ୱିତ ହେବେ। ଏହି ଯୋଜନାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଡିଜିଟାଲ୍ କରେନ୍ସିର ପାଇଲଟ୍ ପ୍ରକଳ୍ପରେ ସାମିଲ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## - V/O -

ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଆଉ ୭୫ ହଜାରରୁ ଅଧିକ ମେଡିକାଲ ସିଟ୍ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଜନଜାତିଙ୍କ ବିକାଶ ପାଇଁ ବଜେଟ୍‌କୁ ୨ ଗୁଣା ବୃଦ୍ଧି କରାଯାଇଛି। ଏଥିରେ ୬୦ ହଜାର ଆଦିବାସୀ ଗ୍ରାମର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ସୂଚନା ଅନୁସାରେ, ଆଜି ରାଜ୍ୟର ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବାବଦରେ ମୋଟ୍ ୧ହଜାର ୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରତ୍ୟେକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଏହି କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସୂଚନା ଅନୁସାରେ, ଆଜି ରାଜ୍ୟର ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବାବଦରେ ମୋଟ୍ ୧ହଜାର ୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରତ୍ୟେକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଏହି କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

## ପିଏମ୍ ଆବାସ-୨

ପ୍ରଧାନମନ୍ତ୍ରୀ ଆଜି ଜନତା ମୈଦାନରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ୩ ହଜାର ୧୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହାସହ ଏହି ଯୋଜନାର ୨୬ ଲକ୍ଷ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାର ୪ ଲକ୍ଷ ହିତାଧିକାରୀଙ୍କ ଗୃହ ପ୍ରବେଶ ହୋଇଛି। ଏହାବ୍ୟତୀତ ୧୫ ଲକ୍ଷ ହିତାଧିକାରୀଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଆବାସ ପ୍ଲସ୍ ୨୦୨୪

ମୋବାଇଲ୍‌ର ଆପ୍‌ର ଲୋକାର୍ପଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଭୁବନେଶ୍ୱର ପହଞ୍ଚିବା ପରେ ଗାଡ଼କଣଠାରେ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ପିଏମ୍-ରେଳ ପ୍ରକଳ୍ପ-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଆଜି ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ୨ ହଜାର ୮୭୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ୪ଟି ପ୍ରମୁଖ ରେଳ ସେକ୍ସନର ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ଲାଇନ୍ ପ୍ରକଳ୍ପର ୨୯ କିଲୋମିଟରରୁ ଅଧିକ ପଥ, ଲାଞ୍ଜିଗଡ଼ ରୋଡ୍ ଆମ୍ବାଡୋଲା-ଡୁଇକାଲୁ ରେଳ ସେକ୍ସନ ରହିଛି। କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ୨୨ କିଲୋମିଟରରୁ ଊର୍ଦ୍ଧ୍ୱ ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ୍-ଟିକିରି ରେଳ ସେକ୍ସନ, ବୁଢ଼ାପଙ୍କ-ସାଳଗା ତୃତୀୟ ଓ ଚତୁର୍ଥ ଲାଇନ୍ ପ୍ରକଳ୍ପର ୬୦ କିଲୋମିଟରରୁ ଊର୍ଦ୍ଧ୍ୱ, ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ସେକ୍ସନ ରହିଛି। ଏଥିସହ ଶ୍ରୀ ମୋଦୀ ଅନ୍ୟ ୪ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ ହଜାରେ କୋଟି ଟଙ୍କାର ବିଭିନ୍ନ ସଡକ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ବାତ୍ସଲ୍ୟ ଯୋଜନା-ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନା

ଅଧୀନରେ ଅଭିଭାବକ ସେମାନଙ୍କ ନାବାଳକ ପିଲାଙ୍କ ପାଇଁ ଆକାଉଣ୍ଟ ଖୋଲି ସେଥିରେ ସଞ୍ଚୟ କରିପାରିବେ। ସେହି ପିଲାମାନେ ସାବାଳକ ହେବା ପରେ ଏହି ଆକାଉଣ୍ଟ ନିୟମିତ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) ଆକାଉଣ୍ଟରେ ରୂପାନ୍ତରିତ ହେବ। ଏହି ଯୋଜନା ମାଧ୍ୟମରେ ଅବସର ଜୀବନ ପାଇଁ ସଞ୍ଚୟ କରିବାର ସୁଯୋଗ ମିଳିବ।

## ପିଏମ୍-ଶହେଦିନ ପୂର୍ତ୍ତି

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିକୁ ୧୦୦ ଦିନ ପୂରଣ ହୋଇଛି ।  ଗତ ଜୁନ୍ ମାସ ୯ ତାରିଖରେ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ତୃତୀୟଥର ପାଇଁ ଶପଥ ଗ୍ରହଣ କରିଥିଲେ । ତୃତୀୟ ପାଳିର ୧୦୦ ଦିନ ଶାସନ ମଧ୍ୟରେ ୧୫ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । କୃଷକ, ମହିଳା, ସଂଖ୍ୟାଲଘୁ, ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯିବା ସହିତ ଭିତ୍ତିଭୂମି ବିକାଶ ଲାଗି ପ୍ରାଧାନ୍ୟ ଦିଆଯାଇଛି । ଏନ୍‌ଡିଏ ସରକାରଙ୍କ ପ୍ରଥମ ୧୦୦ ଦିନ ମଧ୍ୟରେ ୧୧ଲକ୍ଷ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ।

ଏହି ସମୟସୀମା ମଧ୍ୟରେ ଓଡ଼ିଶାର ପରିବହନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଉଭୟ ରେଳ ଏବଂ ସଡକ ଭିତ୍ତିଭୂମି ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି ।

ରାଜ୍ୟର ରେଳ ଇତିହାସରେ ପ୍ରଥମଥର ପାଇଁ ୧୯ ହଜାର ୨୯୦ କୋଟି ଟଙ୍କା ବ୍ୟୟରେ ୮ଟି ନୂତନ ରେଳପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅର୍ଥନୈତିକ ବ୍ୟାପାର କମିଟି ଅନୁମୋଦନ କରିଛି । ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ସଂଖ୍ୟା ୬ କୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକବର୍ଷ ନିମନ୍ତେ ସଡକ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓଡ଼ିଶାରେ ଗୋଟିଏ ନୂତନ ପୋଲ ଏବଂ ୫ଟି ସଡକ ପ୍ରକଳ୍ପ ନିର୍ମାଣ ବାବଦରେ ୮ ହଜାର ୯୨୩ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ ପ୍ରଦାନ କରିଛି ।

## ସ୍ୱଚ୍ଛତା ସେବା ଅଭିଯାନ

'ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୪' ସମଗ୍ର ଦେଶରେ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ସ୍ୱଚ୍ଛତା ହିଁ ସେବା ଅଭିଯାନର ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ ହୋଇଛି । ଏହା ଅଧୀନରେ ଦେଶରେ ୨ଲକ୍ଷ 'ସ୍ୱଚ୍ଛତା ଆଧାରିତ ୟୁନିଟ୍' – ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି । ଜିଲ୍ଲାସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ କରାଯିବା ନେଇ ବ୍ୟବସ୍ଥା କରାଯାଇଛି । ସଫେଇ ମିତ୍ର ସୁରକ୍ଷା ଶିବିରମାନ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ

ପରିମଳ ସଂକ୍ରାନ୍ତ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ସ୍ୱଚ୍ଛତା ହିଁ ସେବା-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି। **ପୁରୀ** ପୌରପରିଷଦ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆଜି ପୂର୍ବାହ୍ଣରେ ଦିଗବାରେଣୀ ଛକଠାରୁ ବାହାରି ବ୍ଲୁ-ଫ୍ଲାଗ୍ ବେଳାଭୂମି ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଏକ ମାନବ ଶୃଙ୍ଖଳ, ସ୍ୱଚ୍ଛତା ହିଁ ସେବା ଶପଥପାଠ ସ୍ୱାକ୍ଷର ଅଭିଯାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପରଲୋକ-ନାରାୟଣ ସିଂ

ବିଶିଷ୍ଟ ଅଭିନେତା ନାରାୟଣ ସିଂଙ୍କର ଆଜି ପରଲୋକ ହୋଇଛି । ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ପାରମ୍ପରିକ ଗୀତିନାଟ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ ନିରବଚ୍ଛିନ୍ନ କାର୍ଯ୍ୟ କରିଥିଲେ । ନିର୍ଦ୍ଦେଶକ, ସଂଗଠକ, ଅଭିନେତା ଭାବେ ଶତାଧିକ ମଂଚ, ବେତାର, ଟେଲିଭିଜନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରାଇଥିଲେ । ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଅବସର ପରେ ଶ୍ରୀ ସିଂ କଟକସ୍ଥିତ ତାଙ୍କ ବାସଭବନରେ ରହୁଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଅନନ୍ତ ଚତୁର୍ଦ୍ଦଶୀ

ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଆଜି **ପୁରୀ** ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପ୍ରଭୁ ଅନନ୍ତଦେବଙ୍କ ଚତୁର୍ଭୂଜ ପ୍ରତୀମା ନିକଟରେ ଆଜି ପୂଜାପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଅନନ୍ତ ଚତୁର୍ଦ୍ଦଶୀ ଉପଲକ୍ଷେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତି ଅନୁଯାୟୀ ଭୋଗ ବନ୍ଦାପନା ଆଦି କରାଯାଇଥିଲା।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି ବାଲେଶ୍ୱର ସମେତ ରାଜ୍ୟର ଉତ୍ତରାଞ୍ଚଳରେ ଲଗାଣ ବର୍ଷା ଫଳରେ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ସୁବର୍ଣ୍ଣରେଖା ନଦୀର ଜଳସ୍ତର ରାଜଘାଟ ନିକଟରେ ବିପଦସଙ୍କେତ ସ୍ତର ପାଖାପାଖି ପ୍ରବାହିତ ହେଉଛି। ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକ୍‌ର ଅନେକ ପଞ୍ଚାୟତରେ କ୍ଷୟକ୍ଷତି ଆଶଙ୍କା ନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଜଳକା ନଦୀରେ ମଧ ଜଳସ୍ତର ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରିଠାରେ ସର୍ବାଧିକ ୧୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ନିକଟରେ ହ୍ରାସ ପାଇଛି। ଲଘୁଚାପ କ୍ରମଶଃ  ଦୁର୍ବଳ ହେବାରେ ଲାଗିଛି । ଫଳରେ ଆଜିଠାରୁ ବର୍ଷାର ପ୍ରଭାବ ହ୍ରାସ ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

*********************************